ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୬ ଜୁଲାଇ, ୨୦୨୩



## ସଂକ୍ଷେପରେ

### ଜିଲା ବରିଷ୍ଠ କଳାକାର ସଂଘର କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର,୧୫।୭(ସ୍ମୃତି ରଞ୍ଜନ ମହାଲିକ):** ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ଶନିବାର ପ୍ରକାଶମ ହଲଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସେ ସଂଘର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରିଥିଲେ। ସଂଘର ସଂପାଦକ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ ସହ ସଂଘର କୃତିରାଜ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କଙ୍କୋରଡା କଣଭାଗ ସ୍ଥିତ ଜଗତେଶ୍ୱର ଲୋକ ନାଟ୍ୟ କଳା ସଂସଦ ପକ୍ଷରୁ ଗୁରୁ ବନଜ କୁମାର ସାହୁଙ୍କ ନିର୍ଦ୍ଦେଶିତ ଲୋକ ନାଟକ ଲକ୍ଷ୍ମୀ ପୁରାଣ ପରିବେଶିତ ହୋଇଥିଲା। ଏହାକୁ ସଂଘର କୈଳାସ ପାଣିଗ୍ରାହୀ ଉଦଘାଟନ କରିଥିଲେ। ସେ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟ ପ୍ରଣାଳୀକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ସାହୁ, ମହେନ୍ଦ୍ର କୁମାର ସାହୁ, ଉର୍ମିଳା ଗୌଡ, ପ୍ରଫୁଲ୍ଲ ଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଅଗଷ୍ଟ ୯ ରେ ନିର୍ମାଣ ଶ୍ରମିକ ସଂଘର ଆନ୍ଦୋଳନ

**ବ୍ରହ୍ମପୁର,୧୫।୭(ନରସିଂହ ସାହୁ):** ସିପିଆଇର ଶ୍ରମିକ ସଂଗଠନ ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଆସନ୍ତା ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ବ୍ରହ୍ମପୁରସ୍ଥ ଶ୍ରମ ବିଭାଗ ଡେପୁଟି କମିଶନରଙ୍କ ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ। ନିର୍ମାଣ ଶ୍ରମିକଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରାଯାଉନଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହେବ। କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକୁ ଏଥିରେ ସାମିଲ କରାଯିବ। ଶନିବାର ଜିଲା ଶାଖା ଏଆଇଟିୟୁସି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆନ୍ଦୋଳନ ପୂର୍ବରୁ ଜିଲାର ସବୁ ବ୍ଲକ କମିଟି ବୈଠକ ଅନୁଷ୍ଠିତ ହେବ ଏବଂ ନିର୍ମାଣ ଶ୍ରମିକଙ୍କ ସଭ୍ୟ ପଦ ନବୀକରଣ କରାଯିବ। ନିର୍ମାଣ ଶ୍ରମିକ ପଞ୍ଜିକରଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ କରାଯିବାକୁ ଶ୍ରମ ବିଭାଗରେ ଦାବି କରାଯିବ। ବିକ୍ଷୋଭ ସମାବେଶରେ କେନ୍ଦ୍ର ମୋଦୀ ଏବଂ ରାଜ୍ୟ ନବୀନ ସରକାରଙ୍କ ଶ୍ରମିକ ମାରଣ ନୀତିର ମୁଖା ଖୋଲି ଦିଆଯିବ। ଶ୍ରମିକ ସଂଗଠନ ଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ଏବଂ ସରକାରଙ୍କ ସହିତ ଦାବି ହାସଲ ଲାଗି ରଣନୀତି ପ୍ରସ୍ତୁତ କରାଯିବାର ଏଆଇଟିୟୁସି ଜିଲା ଶାଖା ପକ୍ଷରୁ କୁହାଯାଇଛି। ସିପିଆଇ ନେତା କାମଦେବ ନାହାକଙ୍କ ସୂଚନାନୁସାରେ ଆଗାମୀ ଆନ୍ଦୋଳନକୁ ସଫଳ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ଶ୍ରମିକ ସଂଘ ଜିଲା ଶାଖାର ସମ୍ମିଳନୀ ଶନିବାର ପୋଲସରାରେ ଅନୁଷ୍ଠିତ ହୋଇଥିଲା। ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପାଢୋଷୀ, ଜିଲା ସମ୍ପାଦକ ଅଳକ ନାଥ ମିଶ୍ରଙ୍କ ସମେତ ପ୍ରକାଶ ପାତ୍ର, ଦଣ୍ଡପାଣି ସାମଲ ଓ ହରିହର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ୪୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଦାରିଙ୍ଗବାଡ଼ି,୧୫।୭(ଅରୁଣ ସାହୁ):** ଦାରିଙ୍ଗବାଡ଼ି ପୋଲିସ ଶୁକ୍ରବାର ଗଞ୍ଜେଇ ଚୋରାଚାଲାଣ କରୁଥିବାବେଳେ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ଉକ୍ତ ଥାନା କିଲାବାଡି ଗ୍ରାମର ନୀନ ପ୍ରଧାନ। ଏକ ଧଳା କାର (ଓଡି ୦୨ଏବି୦୦୪୫)ରେ ୪୦ କେଜି ଗଞ୍ଜେଇ ଭର୍ତ୍ତିକରି ନୀନ ନେଉଥିବା ବେଳେ ପୋଲିସ ଚଢ଼ାଉ କରି ଗାଡ଼ି ସହ ଗଞ୍ଜେଇ ଜବତ କରିଥିଲା। ଥାନାରେ ମାମଲା (୧୩୦/୨୩) ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି।

# ଏତଲା ପରେ ବିଭାଗୀୟ ଖୋଳତାଡ଼ ଆରମ୍ଭ

**ବ୍ରହ୍ମପୁର,୧୫।୭ (ସୁବାସ ଚନ୍ଦ୍ର ପାଢ଼ୀ)**

### ଏମ୍‌କେସିଜିରୁ ଇଞ୍ଜେକଶନ୍ ଜବତ ଘଟଣା

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଏକ ନିର୍ଦ୍ଦିଷ୍ଟ ଆଣ୍ଟିବାୟୋଟିକ୍ (ସେଫ୍ରିଜୋନ୍ ଆଣ୍ଡ ସଲ୍ବାକଟମ୍) ଜବତ ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି। ଏହି ଆଣ୍ଟିବାୟୋଟିକ୍ର ଷ୍ଟକ୍ ଯାଞ୍ଚ କରି ଅଧୀକ୍ଷକଙ୍କୁ ରିପୋର୍ଟ ଦେଇଛନ୍ତି ଔଷଧ ଭଣ୍ଡାର ମେଡିକାଲ ଅଫିସର ତଥା ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଆସୋସିଏଟ୍ ପ୍ରଫେସର ଅଭିନାଶ ପଣ୍ଡା। ୨୦୨୩ ଏପ୍ରିଲ୍ ୧ ମଧ୍ୟରେ ୨୬୭୪୧ ଭାଇଲ୍ କିଣାଯାଇଥିଲା। ୨୦୨୩ ଜୁଲାଇ ୧୩ ପର୍ଯ୍ୟନ୍ତ ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ୫୧୧୬ ଭାଇଲ୍ ରୋଗୀଙ୍କୁ ଦିଆଯାଇଛି। ଜୁଲାଇ ୧୦ରେ ପୋଲିସ ଜବତ କରିଥିବା ୨୫ କାର୍ଟୁନରେ ୬୦୦ ଭାଇଲ୍ ଅଛି ଏବଂ ଡାକ୍ତରଖାନାରେ ବର୍ତ୍ତମାନ ୨୧୦୨୫ ଭାଇଲ୍ ମହଜୁଦ ରହିଛି ବୋଲି ଷ୍ଟୋର ମେଡିକାଲ ଅଫିସର ରିପୋର୍ଟରେ ଦର୍ଶାଇଛନ୍ତି। ସେପଟେ ଘଟଣାକୁ ନେଇ ଅଧୀକ୍ଷକ ପ୍ରଫେସର ଡା.ସୁଚିତ୍ରା ଦାଶ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି। ଚୋରି ମାମଲା ରୁଜୁ କରି ଖୋଳତାଡ଼ କରାଯାଉଛି ବୋଲି କହିଛନ୍ତି ବ୍ରହ୍ମପୁର ଏସପି ଡା.ସ୍ରବଣା ବିବେକ ଏମ୍। ତେବେ ଜବତ ହୋଇଥିବା ଇଞ୍ଜେକସନର ବଜାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଥିବା ବେଳେ ଡାକ୍ତରଖାନା ୧୪ହଜାର ଟଙ୍କାରେ କିଣିଥିବା ରିପୋର୍ଟ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୧୦ତାରିଖ ରାତିରେ ମେଡିକାଲ ଫାଣ୍ଡି ପୋଲିସ ଜଣେ ଚୋରକୁ ଧରିବାକୁ ଯିବା ବେଳେ ଇନଡୋର ପୁରୁଣା କୋଠାରେ ସେଫ୍ଟ୍ରିଆଜୋନ୍ ଆଣ୍ଡ ସଲ୍ବାକ୍ଟମ୍ ୨୫ଟି କାର୍ଟୁନ ଜବତ ହୋଇଥିଲା। ବିଭିନ୍ନ ୱାର୍ଡକୁ ଏହି ଇଞ୍ଜେକସନ୍ ସପ୍ଲାଇ ହୋଇଥିବା ବେଳେ ବଳକା ଇଞ୍ଜେକସନ୍ ଷ୍ଟୋରରେ ମହଜୁଦ୍ ଥିଲା। ତେବେ ବର୍ତ୍ତମାନ କୌଣସି ୱାର୍ଡରେ ଏହି ଇଞ୍ଜେକସନ୍‌କୁ ଡାକ୍ତର ଲେଖୁନଥିଲେ। ଏମ୍‌କେସିଜିରେ ସ୍ୱତନ୍ତ୍ର ଷ୍ଟୋର୍ ରୁମ୍ ନଥିବାରୁ ପୁରୁଣା ଇନଡୋର କୋଠାର ବିଭିନ୍ନ କୋଠରୀରେ ଔଷଧ ମହଜୁଦ ରଖାଯାଉଛି। ଏହି ଇଞ୍ଜେକସନ୍ ସମ୍ପର୍କରେ ବାହାର ଲୋକ ସୂଚନା ପାଇବେ କେମିତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ ମେଡିସିନି ଓ ଇଞ୍ଜେକସନ୍ ସମ୍ପର୍କରେ ଜ୍ଞାନ ଥିବା କର୍ମଚାରୀ ହିଁ ଔଷଧ ଉପରେ ନଜର ରଖୁଥିଲେ ଏବଂ ସୁଯୋଗ ପାଇ ସେ ଚୋରି କରି ରଖିଥିଲେ। ପୁନଃ ସୁଯୋଗ ମିଳିଲେ ଏହି ଇଞ୍ଜେକସନ୍ ଘରୋଇ ନର୍ସିଂହୋମକୁ ଚାଲାଣ ହୋଇଥାନ୍ତା ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ମେଡିକାଲରେ କାମ କରୁଥିବା କିଛି କର୍ମଚାରୀ ଘରୋଇ ନର୍ସିଂହୋମ୍ ଓ ମେଡିକାଲ ଷ୍ଟୋରକୁ ମଧ୍ୟ କାମ କରିବାକୁ ଯାଉଛନ୍ତି। ଆଉ କିଛି କର୍ମଚାରୀଙ୍କ ପରୋକ୍ଷରେ ଘରୋଇ ନର୍ସିଂହୋମ ସହ ସମ୍ପର୍କ ରହିଛି। ଅନ୍ୟପକ୍ଷରେ ଷ୍ଟୋରରେ ଲକ୍ଷ ଲକ୍ଷ ଟଙ୍କାର ଔଷଧ ରହୁଥିବା ବେଳେ ସିସିଟିଭି କାହିଁକି ସଚଳ କରାଯାଉନାହିଁ ଏବଂ ସୁରକ୍ଷାକର୍ମୀ ନିୟୋଜିତ ହେଉନାହିଁ ତାହା ମଧ୍ୟ ବଡ଼ ପ୍ରଶ୍ନ ସୃଷ୍ଟି କରିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ମନମୋହନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍କ୍ରାପ୍‌ରେ ଭିନ୍‌ଟେଜ ବାଇକ୍ ମଡେଲ

**ବ୍ରହ୍ମପୁର,୧୫।୭ (ସ୍ମୃତି ରଞ୍ଜନ ମହାଲିକ)**

### ଆଇଟିଆଇର ନିଆରା ପ୍ରୟାସ



ଆଇଟିଆଇ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଭିନଟେଜ ବାଇକ ମଡେଲ।

ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ଏକ ଭିନ୍ନ ଧରଣର ପ୍ରୟାସ ଲୋକ ଲୋଚନକୁ ଆଣିବାରେ ସଫଳ ହୋଇଛି। ଆଇଟିଆଇ ଛାତ୍ରୀଛାତ୍ରମାନେ ଅଟୋ ମୋବାଇଲ ସ୍କ୍ରାପରେ ନିର୍ମିତ କରିଥିବା ବହୁ ଭିନଟେଜ ମୋଟର ସାଇକେଲ ମଡେଲ ପ୍ରଦର୍ଶିତ କରିଛି। ଏହି ପ୍ରଦର୍ଶନୀ ଶନିବାର ଉଦଘାଟିତ ହୋଇଛି। ଆସନ୍ତା ୨୩ ତାରିଖ ଯାଏଁ ପ୍ରଦର୍ଶନୀ ଜାରି ରହିବ ବୋଲି ଆଇଟିଆଇ ଅଧ୍ୟକ୍ଷ ଡ ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଥିରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ଦକ୍ଷତା ଭିତ୍ତିକ ଅନୁଷ୍ଠାନର ଛାତ୍ରୀଛାତ୍ର ପ୍ରଦର୍ଶନ ବୁଲି ଦେଖିବାର ସୁଯୋଗ ପାଇପାରିବେ। ଏଭଳି ପ୍ରଦର୍ଶନୀ ଯୁବ ପିଢ଼ିଙ୍କ ନିମନ୍ତେ ଏକ ପ୍ରେରଣା ହେବ ବୋଲି ଆଇଟିଆଇ ଅଧ୍ୟକ୍ଷ କହିଛନ୍ତି। ଆଇଟିଆଇ ଛାତ୍ରୀଛାତ୍ରଙ୍କ ପକ୍ଷରୁ ନିର୍ମିତ ହୋଇଥିବା ଏହି ଭିନଟେଜ ମୋଟର ସାଇକେଲ ମଡେଲ ଘର ସାଜସଜା, ବିଭିନ୍ନ କାର୍ଯ୍ୟାଳୟ, ଇଣ୍ଟେରିୟର ଡେକୋରେଟ ଭାବେ ସାଜସଜା କ୍ଷେତ୍ରରେ ସହାୟକ ହେବ। ସୂଚନା ଥାଉ କି, ଆଇଟିଆଇର ବିଭିନ୍ନ ଟ୍ରେଡର ଛାତ୍ରୀଛାତ୍ରମାନେ ଏହାକୁ ନିର୍ମାଣ କରିଛନ୍ତି।

### ସରକାରୀ ଆଇଟିଆଇରେ ଜନସଚେତନତା

**ଛତ୍ରପୁର,୧୫।୭ (ସନ୍ତୋଷ ପାଢୀ)**

ଛତ୍ରପୁର ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଭାରତୀୟ ବିରଳ ମୃତ୍ତିକା ସଂସ୍ଥା ତରଫରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଆରଇଏଲ ପକ୍ଷରୁ ମହାପ୍ରବନ୍ଧକ (ସୁରକ୍ଷା ଓ ପ୍ରଶିକ୍ଷଣ) ଭର୍ଗିଶ ଆଣ୍ଟୋନୀ, ଉପମହାପ୍ରବନ୍ଧକ (ସମ୍ବଳ) ଏନ.କେ ନାୟକ, ମୁଖ୍ୟ ପ୍ରବନ୍ଧକ (ଗୁରବତା ନିୟନ୍ତ୍ରଣ) ସୁରେଶ ବେହେରା, ପ୍ରବନ୍ଧକ (ସମ୍ବଳ) ଦିପକ ମିଶ୍ର ପ୍ରମୁଖ ଯୋଗଦେଇ କମ୍ପାନୀର ଲକ୍ଷ୍ୟ, ଦୂରଦୃଷ୍ଟି, ପରିଚାଳନା, ପରିଯୋଜନା, ବିଭିନ୍ନ ଉତ୍ପାଦକ ଓ ଏହାର ଉପଯୋଗିତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବିସ୍ତୃତ ଭାବେ ଅବଗତ କରିଥିଲେ । ସମାଜର ଉନ୍ନତି ଓ ଦେଶର ବିକାଶରେ ଆଇଆରଇର ଭୂମିକା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଶିଳ୍ପ ପ୍ରତିଷ୍ଠାନର ପ୍ରିନ୍ସପାଲ ପ୍ରିୟବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୋଲାର ଇଲେକ୍ଟ୍ରିକ୍ ଯାନ ଚାର୍ଜିଂ ଷ୍ଟେଶନ ଉଦ୍‌ଘାଟିତ

**ଛତ୍ରପୁର,୧୫।୭ (ସନ୍ତୋଷ ପାଢୀ)**

### ଛତ୍ରପୁର ଆଇଟିଆଇର ସଫଳତା

ଛତ୍ରପୁର ସରକାରୀ ଆଇଟିଆଇରେ ବିଶ୍ୱ ଦକ୍ଷତା ଦିବସ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନବନିର୍ମିତ ସୋଲାର ଇଲେକ୍ଟ୍ରିକ୍ ଯାନ ଚାର୍ଜିଂ ଷ୍ଟେସନ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କିର୍ତ୍ତୀଭାସନ ଯୋଗଦେଇ ଉଦଘାଟନ କରିଥିଲେ । ବର୍ତ୍ତମାନ ଇଲେକ୍ଟ୍ରିକ୍ ଯାନ ର ଚାହିଦା ବଢିଥିବା ବେଳେ ବିଦ୍ୟୁତ ବଦଳରେ ସୋଲାରରେ ଇଲେକ୍ଟ୍ରିକ୍ ଯାନର ଚାର୍ଜିଂ ପାଇଁ ହୋଇଥିବା ଷ୍ଟେସନ ନିର୍ମାଣକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଷ୍ଟେସନକୁ ଆଇଆଟିଆଇର ଶିକ୍ଷୟତ୍ରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିର୍ମାଣ କରାଯାଇଛି । ଛତ୍ରପୁର ଆଇଆଟିଆଇ ପ୍ରିନ୍ସପାଲ ପ୍ରିୟବ୍ରତ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସୋଲାର ଚାର୍ଜିଂ ଷ୍ଟେଶନ ଉଦ୍‌ଘାଟନ କରାଯାଉଛି ।

### ବିଦ୍ୟୁତ୍ ସଂସ୍ପର୍ଶରେ ମହିଳା ମୃତ

**ଦିଗପହଣ୍ଡି,୧୫ ।୭(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ରାଜପୁର ଗ୍ରାମ ଆଡୁଆ ସାହିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଆଡୁଆ ସାହି ବାସିନ୍ଦା ତମାଳ ସ୍ୱାଇଁ (୫୬)।

ସୂଚନା ପ୍ରକାରେ, ତମାଳଙ୍କ ଘର ପଡ଼ିଶାରେ ଥିବା ନୂତନ ଘରକୁ ବିଦ୍ୟୁତ୍ ତାର ସଂଯୋଗ କରାଯାଇଥିଲା। ଏହି ତାରଟି ଘରର ମୁଖ୍ୟଦ୍ୱାର ଲୁହା ଗ୍ରୀଲ ଦେଇ ଲମ୍ବାଇ ଦିଆଯାଇଥିଲା। ତମାଳ ଗ୍ରୀଲ ବନ୍ଦ କରିବା ବେଳେ ତାର କଟିଯାଇଥିଲା। ଫଳରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚେତା ଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି।

# ନାବାଳିକାଙ୍କୁ ଅପହରଣ କରି ବଳାତ୍କାର

**ବ୍ରହ୍ମପୁର,୧୫।୭(ସୁବାସ ଚନ୍ଦ୍ର ପାଢ଼ୀ)**

### ପୀଡ଼ିତା ଉଦ୍ଧାର, ଅଭିଯୁକ୍ତ କୋର୍ଟ ଚାଲାଣ



ଗିରଫ ଅଭିଯୁକ୍ତ।

ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିବା ଅଭିଯୋଗରେ ବଡବଜାର ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପ୍ରେମନଗର ତୃତୀୟ ଲାଇନର ଜି. ଦୁର୍ଗା ରାଓ ଓରଫ ନାନି (୨୩)। ଶୁକ୍ରବାର ପୋଲିସ ଉଭୟ ପୀଡ଼ିତା ଓ ଅଭିଯୁକ୍ତ ଯୁବକଙ୍କ ଡାକ୍ତରୀମାଇନା କରିଥିଲା। ପରେ ୧୬୪ ଧାରାରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ଶନିବାର ପୋଲିସ ଅଭିଯୁକ୍ତଙ୍କୁ ବଳାତ୍କାର ମାମଲାରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଗତ ଫେବୃଆରୀ ମାସରେ ବଡବଜାର ଥାନା ଅଞ୍ଚଳରୁ ଜଣେ ୧୭ବର୍ଷୀୟା ନାବାଳିକା ଅପହରଣ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ସଂକ୍ରାନ୍ତରେ ୪୦/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ନାବାଳିକାଙ୍କୁ ନେଇ ଯୁବକ ଜଣଙ୍କ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ସେଠାରେ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଯୁବକ ଜଣଙ୍କ ତାଙ୍କୁ ସେଠାରେ ବିବାହ ମଧ୍ୟ କରିଥିଲେ। ଉଦ୍ଧାର ପରେ ପୀଡ଼ିତା ଜଣଙ୍କ ଏନେଇ ପୋଲିସ ନିକଟରେ ଧାରା ୧୬୧ ରେ ଦେଇଥିବା ବୟାନରେ ଉଲ୍ଲେଖ କରିଛନ୍ତି ବୋଲି ପୋଲିସ କହିଛି।

# ନିଷ୍ଟରେ ବନ ମହୋତ୍ସବ ପାଳିତ




ନିଷ୍ଟ ପରିସରରେ ଚାରା ରୋପଣ କରୁଛନ୍ତି ଅତିଥି, ଛାତ୍ରୀଛାତ୍ର।

**ବ୍ରହ୍ମପୁର,୧୫।୭ (ତନୁଶ୍ରୀ ନାହାକ)**

ନିଷ୍ଟ ବୈଷୟିକ ଶିକ୍ଷାନୁଷ୍ଠାନରେ ଜାତୀୟ ସେବା ଯୋଜନା ପକ୍ଷରୁ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଡିନ ଡ. ସବ୍ୟସାଚୀ ରଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କନିଷ୍ଠ ତହସିଲଦାର ପ୍ରଲୟାନନ୍ଦ ଶତପଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ପ୍ରଭାରୀ ଅସୀମ କୁମାର ପଣ୍ଡା, ଆଇପିଏସ ଅଧିକାରୀ ଅଙ୍କିତ କୁମାର ବର୍ମା, ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହାନ୍ତ ଉପସ୍ଥିତ ଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଗୋଟିଏ ବିଦ୍ୟାର୍ଥୀ – ଗୋଟିଏ ଗଛ ଯୋଜନାରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବୃକ୍ଷ ରୋପଣ କରିଥିଲେ। ଅତିଥିମାନେ ପରିବେଶ ମୂଳରେ ବୃକ୍ଷର ଭୂମିକା ବିଷୟରେ ଆଲୋଚନା କରିଥିଲେ। ନୃସିଂହ ଚରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରେଶ ମହାପାତ୍ର, ଡ଼ ପ୍ରୀତିରଞ୍ଜନ ସାହୁ, ଡ଼ ସୁବ୍ରତ ଭୂୟାଁ, ଡ଼ ସୁଶାନ୍ତ ସାହୁ, ମୁନା ମହାନ୍ତି, ଶରତ ଜେନା, କେଦାର ନାଥ ଦାସ ସହଯୋଗ କରିଥିଲେ।

# ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

**ବ୍ରହ୍ମପୁର,୧୫।୭ (ତନୁଶ୍ରୀ ନାହାକ)**

ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲରେ ଶନିବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ଼.ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ ଅଧ୍ୟାପକ ଘନଶ୍ୟାମ ଷଡ଼ଙ୍ଗୀ, ଦେବିପ୍ରସାଦ ପଟ୍ଟନାୟକ, ସିଦ୍ଧାର୍ଥ ଶଙ୍କର ସାହୁ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନର ଅଭିମୁଖ୍ୟ ସମ୍ପର୍କରେ କହିଥିଲେ। ସେହିପରି ଦକ୍ଷତା ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ଥିବା ବହୁ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଦକ୍ଷତା ବିକାଶ ଦ୍ୱାରା କିପରି ଜଣେ ଯୁବକ ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ଏହାଦ୍ୱାରା ଦେଶର ବେକାରୀ ସମସ୍ୟା ଦୂରୀକରଣ ହୋଇପାରିବା ସହ ନୂତନ ରୋଜଗାର ସୃଷ୍ଟି ସମ୍ପର୍କରେ କହିଥିଲେ। ପରେ ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନ ପରିସରରେ ଥିବା ଖାଲି ସ୍ଥାନରେ ୧୦୦ଟି ଚାରା ରୋପଣ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




ଇଞ୍ଜିନିୟରିଂ ସ୍କୁଲରେ ବିଶ୍ୱ ଯୁବ ଦକ୍ଷତା କାର୍ଯ୍ୟକ୍ରମ।

### ଦୁଇ ବଳାତ୍କାର ମାମଲା

# ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର,୧୫।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଆଡ଼ହକ୍ ପୋକ୍ସୋ ଜଜ୍ ଗଣେଶ୍ୱର ପତି ଶନିବାର ଜନୈକା ନାବାଳିକା ଛାତ୍ରୀ ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ପିଙ୍କୁ ସେଠୀ(୨୫)। ଏନେଇ ମୁଦାଲାଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀ ଇସମାଇଲ ମହମ୍ମଦ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଜନୈକା ନାବାଳିକା ଛାତ୍ରୀ ତାଙ୍କ ଅଜା ଘରେ ରହି ପାଠ ପଢୁଥିଲେ। ୨୦୨୧ ମଇ ୧୯ ତାରିଖରେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ତାଙ୍କ ଅଜା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ୧୫୫/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଘଟଣାର ତିନିଦିନ ପରେ ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲା। ପୀଡ଼ିତାଙ୍କ ବୟାନକୁ ଆଧାର କରି ପୋଲିସ ଅଭିଯୁକ୍ତ ପିଙ୍କୁ ସେଠୀଙ୍କୁ ଅପହରଣ ସହ ବଳାତ୍କାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଅଭିଯୁକ୍ତଙ୍କୁ ୨୦୨୨ ଫେବୃଆରୀ ୧୬ରେ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ପିଙ୍କୁ କୋର୍ଟରେ ହାଜର ହୋଇନଥିଲେ। ଫଳରେ ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ପୋଲିସ ପୁଣିଥରେ ପିଙ୍କୁ ସେଠୀଙ୍କୁ ୨୦୨୩ ଏପ୍ରିଲ୨୧ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଉକ୍ତ ମାମଲାର ବିଚାର ବେଳେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ମାମଲାର ରାୟ ପ୍ରକାଶ ବେଳେ ଜେଲରେ ଥିବା ପିଙ୍କୁ ସେଠୀଙ୍କୁ କଡା ସୁରକ୍ଷାରେ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

ସେହିପରି ସ୍ୱତନ୍ତ୍ର ପୋକ୍ସୋ ଜଜ ପ୍ରଭାତ କୁମାର ରାଜଗୁରୁ ଅନ୍ୟ ଏକ ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ନିପୁ ବରାଡ଼ (୨୫)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୮ ଜୁଲାଇ ୧୯ରେ ହିଞ୍ଜିଳିକାଟୁର ଜନୈକା ନାବାଳିକା ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ ୧୬୪/୧୮ ରେ ଏକ ମାମଲା ରୁଜୁ କରିଥିଲା। ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କର ବୟାନ ରେକର୍ଡ଼ କରିଥିଲା। ପରେ ଅଭିଯୁକ୍ତ ନିପୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଏସଡ଼ିପିଓ ସୁବାସ ପଣ୍ଡା କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ଉକ୍ତ ମାମଲାର ରାୟ ପ୍ରକାଶ ବେଳେ ନିପୁ ବରାଡ଼ଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦ୍ଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋଲକ ରଞ୍ଜନ ତ୍ରିପାଠୀ ମକଦ୍ଦମା ପରିଚାଳନା କରିଥିଲେ।

